## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଜୟପାଟଣା,୫।୯ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନ ପାବଲି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନରେନ୍ଦ୍ର ପଟେଲ (୫୦)। ନରେନ୍ଦ୍ର ବୁଧବାର ରାତିରେ ଖାଇ ସାରି ଶୋଇଥିବା ସମୟରେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ ଗୁରୁବାର ସକାଳେ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୟପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗଞ୍ଜେଇ ଜବତ, ୫ କୋର୍ଟ ଚାଲାଣ

**କେସିଙ୍ଗା, ୫।୯ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନର ଏକ ନମ୍ବର ପ୍ଲାଟ୍‌ଫର୍ମ ମୁଖ୍ୟ ଗେଟ୍ ନିକଟରୁ ଆର୍‌ପିଏଫ୍ ଓ ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ୧୮କେଜି ଗଞ୍ଜେଇ ଜବତ ସହ ୫ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଏମ୍. ରାମପୁର ବ୍ଲକ୍ ଭାଟେଲ ଗ୍ରାମର ଦିଲୀପ କୁମାର ସେନାପତି, ଅର୍ଜୁନ ନାଏକ, ମନୋଜ କୁମାର ବାଗ, ଉର୍ଲାଦାନୀ ଗ୍ରାମର ବିମଳ ନାୟକ ଓ ଏମ୍. ରାମପୁରର ଶୁଭଙ୍କର ମହାଖୁଡ଼। ଏମାନେ ଏମ୍.ରାମପୁରରୁ ଏକ କାର୍ (ଓ ଓ୨ଏ-ଟି୨୦୧୮) ଯୋଗେ ୧୮.୮୦୦ କେଜି ଗଞ୍ଜେଇ ଆଣି ବାହାର ରାଜ୍ୟକୁ ନେବା ପାଇଁ ଉଦ୍ୟମ କରୁଥିବାବେଳେ କେସିଙ୍ଗା ରେଲୱେ ଷ୍ଟେଶନରେ ଧରାପଡ଼ିଥିଲେ।

### ଅବକାରୀ ଚଢ଼ାଉ: ୨ ଗିରଫ

**ଜୟପାଟଣା,୫।୯ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ପଞ୍ଚାୟତ ପାବଳୀ ଘାଟି କୁକୁଡ଼ାଝରଣ ନାଳ ନିକଟରେ ଅବକାରୀ ବିଭାଗ ଚଢାଉ କରି ୨୫ କୁଇଣ୍ଟାଲ ମହୁଲପୋଚ ଓ ୬୦ଲିଟର ଦେଶୀମଦ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା କେନ୍ଦୁଗୁଡାର ଅମର ଜାନି ଓ ଡମେନ ଜାନି। ଚଢାଉ ସମୟରେ ମଦ ପ୍ରସ୍ତୁତି ସାମଗ୍ରୀ ନଷ୍ଟ କରାଯାଇଛି ବୋଲି ଜୟପାଟଣା ଭାରପ୍ରାପ୍ତ ଅବକାରୀ ଅଧିକାରୀ ନରେନ୍ଦ୍ର ମିଞ୍ଜ କହିଛନ୍ତି।

# ସୁଭଦ୍ରା: ଆଧାର-ମୋବାଇଲ ଲିଙ୍କ୍ ବାଧ୍ୟତାମୂଳକ ନୁହେଁ

**ବିନା ମୂଲ୍ୟରେ ଆବେଦନ, ଅର୍ଥ ଦାବି କଲେ କାର୍ଯ୍ୟାନୁଷ୍ଠାନ**

ଭବାନୀପାଟଣା,୫।୯ (ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ଆବେଦନ ନିମନ୍ତେ ଆଧାର ମୋବାଇଲ ଲିଙ୍କ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ ଆବେଦନର ସମୟସୀମା ଧାର୍ଯ୍ୟ ହୋଇ ନାହିଁ। ବିନା ମୂଲ୍ୟରେ ଆବେଦନ କରିବେ, କେହି ଅର୍ଥ ଦାବି କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ଓସୱାନ ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, କଳାହାଣ୍ଡି ଜିଲାରେ ପ୍ରାୟ ୬ଲକ୍ଷ ୫୦ ହଜାର ମହିଳା ଆବେଦନ କରିବା ଆକଳନ କରାଯାଇ ପ୍ରାୟ ୮ଲକ୍ଷ ଫର୍ମ ଛପାଯାଇଛି। ଏଥିମଧ୍ୟରୁ ୭ଲକ୍ଷ ବିତରଣ କରାଯାଇଛି। ଜିଲାର ୧୯୭୯ ସିଏସ୍‌ସି ଓ ମୋ ସେବା କେନ୍ଦ୍ରରେ ଫର୍ମ ଆବେଦନ କରାଯିବା ନିମନ୍ତେ ସୁବିଧା କରାଯାଇଛି। ଆଧାର ସହିତ ମୋବାଇଲ ସଂଯୋଗ ବାଧ୍ୟତାମୂଳକ ନୁହେଁ। ଏହାର ବିକଳ୍ପ ଭାବେ ଅଙ୍ଗୁଠି ଚିହ୍ନ କିମ୍ବା ଆଖି ସ୍କାନରେ କରାଯାଇପାରିବ। ଆଧାର ନିମନ୍ତେ ୧୧୧ କେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ଆସନ୍ତା ୭ ତାରିଖରୁ ସଚେତନ ନିମନ୍ତେ ସୁଭଦ୍ରା ରଥ ଜିଲାବ୍ୟାପୀ ପରିକ୍ରମା କରିବ। ଜିଲାର ପାଷ୍ଟିକୁଡିଠାରେ ଏକ ସିଏସ୍‌ସିଠାରେ ଆଧାରରେ ମୋବାଇଲ ଲିଙ୍କ ନିମନ୍ତେ ୩୫୦ଟଙ୍କା ନିଆଯାଇଥିଲା। ଜିଲା ପ୍ରଶାସନ ଏ ନେଇ ସୂଚନା ପାଇବା ପରେ କେସିଙ୍ଗା ବିଡିଓଙ୍କୁ ଚଢ଼ାଉ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସିଏସ୍‌ସିର ସମସ୍ତ ମେଶିନ ଜବତ କରିବା ସହିତ ଲାଇସେନ୍ସ ବାତିଲ ପାଇଁ ଅବଗତ କରାଯିବ ବୋଲି ଜିଲାପାଳ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

# ଏକ୍ସପାଏରି ଔଷଧ ଖାଇ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଗୋଲାମୁଣ୍ଡା,୫।୯ (ବଟକୃଷ୍ଣ ପଣ୍ଡା)

ଏକ୍ସପାଏରି ଔଷଧ ଖାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଦଶପୁର ପଞ୍ଚାୟତ ଦେକୋଟ ଗ୍ରାମରେ। ସୂଚନାମତେ, ଗ୍ରାମର ସୁଭଦ୍ରା ବନ୍ଦିଛୋଡ୍ ନାମ୍ନୀ ମହିଳା କୌଣସି କାରଣରୁ ଅସୁସ୍ଥ ଅନୁଭବ କରିବାରୁ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀଙ୍କ ପାଖକୁ ଯାଇ ଔଷଧ ଆଣି ସେବନ କରିଥିଲେ। ଔଷଧ ଖାଇବାର କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ୍ସପାଏରି ଔଷଧ ଖାଇ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ମହିଳାଙ୍କ ପରିବାର କହିଲେ ୧୧ବର୍ଷୀୟ ଗୋଟିଏ ପୁଅ ଓ ୧୩ବର୍ଷୀୟ ଝିଅ ରହିଛନ୍ତି। ୫ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ମହିଳାଙ୍କ ମୃତ୍ୟୁ ପରେ ୨ ଝିଅପୁଅ ବେସାହାରା ହୋଇପଡ଼ିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ସହ କେଉଁ ପରିସ୍ଥିତିରେ ଅଙ୍ଗନୱାଡି କର୍ମୀ ଜଣଙ୍କ ଏକ୍ସପାଏରି ଔଷଧ ଦେଲେ ତାହାର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୂଆପଡ଼ା ଜିଲା ଶ୍ରମିକ ମହାସଂଘ ବୈଠକ




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ଖଡ଼ିଆଳ,୫।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଶ୍ରମିକ ମହାସଂଘର ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଜିଲା ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶେଷ କରି ଦାଦନ ଶ୍ରମିକ, ନିର୍ମାଣ ଶ୍ରମିକ, କେନ୍ଦୁପତ୍ର ତୋଳାଳି ଓ ଅନ୍ୟାନ୍ୟ ବର୍ଗର ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମାଧାନ, ଜିଲାକୁ ଦାଦନ ମୁକ୍ତ କରିବା ସହିତ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା, ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଜିଲା ସଦର ମହକୁମାକୁ ସ୍ଥାନାନ୍ତରଣ, ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟେକ ବ୍ଲକରେ ଶ୍ରମ ଅଧିକାରୀ ନିଯୁକ୍ତି, ନିର୍ମାଣ ଶ୍ରମିକଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଇତ୍ୟାଦି ଦାବି ହାସଲ ପାଇଁ ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୮ତାରିଖ ମଧ୍ୟରେ ଜିଲାର ୫ବ୍ଲକରେ ବୈଠକ ସମାପ୍ତ କରି ୨୦ରୁ ୨୫ତାରିଖ ମଧ୍ୟରେ ନୂଆଖାଇ ଭେଟ୍‌ଘାଟ ପାଳନ ପାଇଁ ସ୍ଥିର ହୋଇଥିଲା। ବୈଠକରେ ମହାସଂଘ ଉପଦେଷ୍ଟା କେଶବ ବେହେରା, ସହ ଆବାହକ ପ୍ରଦୀପ ଦଣ୍ଡସେନା ଓ ଭକ୍ତବନ୍ଧୁ ଧରୁଆ, ଶୁକ୍ଲାମ୍ବର ନିଆଲ, ସୁଖଦେବ ସାହୁ, ଚୈତନ୍ୟ ତାଣ୍ଡି, ଜ୍ଞାନରଞ୍ଜନ ସାହୁ, ଭାରତ ମାଝିଙ୍କ ସମେତ ବିଭିନ୍ନ ଟ୍ରେଡ ୟୁନିଅନର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ଅତିଥିଙ୍କ ଗହଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର।

ଭବାନୀପାଟଣା, ୫।୯ (ଉତ୍ତମ କୁମାର ଦାଶ)

**ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ**

ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପଡିଆରେ ଗୁରୁବାର ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଏଥିରେ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲାପାଳ ସଚିନ ପାୱାର, ଭବାନୀପାଟଣା ଭାରପ୍ରାପ୍ତ ଉପଜିଲାପାଳ ଜୟଦେବ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ଗୁରୁଦିବସର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଛାତ୍ରୀଛାତ୍ର ପାଠପଢି ଭଲ ମଣିଷ ହେବା ସହିତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲାର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୧୭ଜଣ ଛାତ୍ରୀଛାତ୍ରଙ୍କୁ ଡିଷ୍ଟ୍ରିକ୍ଟ ଏକାଡେମିକ ଆୱାର୍ଡ ସ୍ୱରୂପ ୧୦ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୧୧ଲକ୍ଷ ୭୦ହଜାର ଟଙ୍କା, ସମସ୍ତ ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩୧୮ଜଣ ଛାତ୍ରୀଛାତ୍ରଙ୍କୁ ବ୍ଲକ ଏକାଡେମିକ ଆୱାର୍ଡ ସ୍ୱରୂପ ୫ହଜାର ଟଙ୍କା ହିସାବରେ ମୋଟ ୬୫ଲକ୍ଷ ୯୦ହଜାର ଟଙ୍କା, ଓଡ଼ିଆ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୫ଜଣ ଛାତ୍ରୀଛାତ୍ରଙ୍କୁ ଓଡିଆ ଭାଷା ବୃତ୍ତି ସ୍ୱରୂପ ୭ହଜାର ୫ଶହ ଟଙ୍କା ହିସାବରେ ମୋଟ ୩ଲକ୍ଷ ୩୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମଧ୍ୟ ଦିଆଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶର ଲୋକସେବା ଭବନରୁ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା।

### ଦେଢବର୍ଷ ପରେ ଡ୍ୟାମ୍‌ରେ ଚାଲିଲା ବୋଟ୍

ଜୁନାଗଡ,୫।୯ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭତ୍ରାଜୋର ଡ୍ୟାମରେ ବୋଟ୍ ଆସିବାର ଦେଢବର୍ଷ ପରେ ଗୁରୁବାର ଚଳାଚଳ ଆରମ୍ଭ କରିଛି। ଏହାକୁ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ପକ୍ଷରୁ ଗତବର୍ଷ ମାର୍ଚ୍ଚ ପୂର୍ବରୁ ଏଠାକୁ ୨ଟି ବୋଟ୍ ଆସିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକେ ଉତ୍ସାହିତ ହୋଇଥିଲେ। ହେଲେ ବନବିଭାଗର ଅବହେଳା ଯୋଗୁ ଚାଳକ ନିଯୁକ୍ତ ହୋଇପାରି ନ ଥିଲେ। ଫଳରେ ଦେଢବର୍ଷ ଧରି ଡ୍ୟାମରେ ୨ଟି ବୋଟ୍ ପଡିରହିଥିଲା। ଏବେ ସ୍ଥାନୀୟ ୫ଜଣ ଯୁବକଙ୍କୁ ତାଲିମ ଦିଆଯିବା ପରେ ଡ୍ୟାମରେ ବୋଟ ଚାଲିଛି ବୋଲି ସ୍ଥାନୀୟ ଫରେଷ୍ଟର ଶ୍ରୀକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା,୫।୯ (ମକାରୁ ବେମାଲ):** ନୂଆପଡ଼ା ଏନ୍‌ଏସି ୭ ନମ୍ବର ୱାର୍ଡ ସାଲେଭଟାର ଜଣେ ଯୁବକ ଗୁରୁବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅମିୟ ରଞ୍ଜନ ବରିହା (୨୨)। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ଅମିୟ ସାଙ୍ଗମାନଙ୍କ ସହ ବୁଲିବା ପାଇଁ ବାହାରିଥିଲେ। ରାତ୍ରି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଲୋକ ଗାଁ ପୋଖରୀକୁ ଶୌଚ ପାଇଁ ଯିବା ସମୟରେ ଏକ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ପରିବାର ଲୋକେ ଏ ନେଇ ନୂଆପଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନୂଆପଡା ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପରିବାର ଲୋକେ ଅମିୟଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

ବେହେରା,୫।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡସ୍ଥିତ ଏକ ହୋଟେଲରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କବିରାଜ ଦୁର୍ଗାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ହରି ସୁନ୍ଦର ପଣ୍ଡା ସଭାପତିତ୍ୱ କରିଥିଲେ। ଆଇନଜୀବୀ ଜହର ଲାଲ ବାଗ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବସର ଗ୍ରହଣ ପରେ ଶିକ୍ଷକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ଆଲୋଚନା କରାଯାଇଥିଲା। ନୂଆଖାଇ ପରେ ଏକ ପୂର୍ଣ୍ଣାଙ୍ଗ ବୈଠକ ଡକାଯାଇ ସଙ୍ଗଠନର ରୂପରେଖ ପ୍ରସ୍ତୁତ ପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଧନୁର୍ଦ୍ଧର ଦାସ, ଗଜେନ୍ଦ୍ର ଦାସ, ଦୟାନିଧି ଜାଲ, ହୃଷୀକେଶ ବାଗ, ହେତୁରମ ମେହେର, ସିମାଞ୍ଚଳ ଦାସ, ହୃଷୀକେଶ ସାହୁ, ସୁମେଶ୍ୱର୍ ଜଗତ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତପ୍ରଦାନ କରିଥିଲେ। ଧରଣୀ ଧର ଧଙ୍ଗଡାମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଥୁଆମୂଳ ରାମପୁର ବ୍ଲକ ଗସ୍ତ

ଥୁଆମୂଳ ରାମପୁର, ୫।୯ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲାପାଳ ସଚିନ ପାୱାର ଗୁରୁବାର ଥୁଆମୂଳ ରାମପୁର ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ମହୁଲପାଟଣାସ୍ଥିତ କଫି ନର୍ସରୀ ବୁଲି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦୁଗୁଡ଼ା ଘାଟର ରିଜର୍ଭୟର୍ ଭିତରେ ହେବାକୁ ଥିବା ପର୍ଯ୍ୟଟନସ୍ଥଳୀ ନିମନ୍ତେ ଜାଗା ଚିହ୍ନଟ କରି କିପରି ଏହା ତିଆରି ହେବ ସେ ନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳଙ୍କ ସହ ଏପିଡି ୱାଟରସେଡ୍ ସାଗରିକା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲି, ଏଇଇ ଦିଲୀପ କୁମାର ପଟେଲ, ଜେଇ ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରି ଫେରିଯାଇଥିଲେ।



ଉନ୍ନୟନ କାର୍ଯ୍ୟ ଦେଖିବା ପରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

# ଦିଗ୍‌ଦର୍ଶନ ଦେବାରେ ଗୁରୁଙ୍କ ଭୂମିକା ଅତୁଳନୀୟ

ଜୁନାଗଡ଼,୫।୯ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ଜିଲା ସଭାପତି ବିରେନ୍ଦ୍ର ବାଗ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ ମୁଖ୍ୟ ଅତିଥି ଓ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ରାଜ୍ୟ ଫେଡରେଶନର ମହାସଚିବ ଚାରୁଲତା ମହାପାତ୍ର, ଉପସଭାନେତ୍ରୀ ସୁକାନ୍ତି ସାବତ, ଉପସଭାପତି ସୁରେନ୍ଦ୍ର କୁଳଦୀପ, ଉପଦେଷ୍ଟା ସଙ୍ଗୀତା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେବାରେ ଗୁରୁଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୂର୍ଯ୍ୟନାରାୟଣ ଠାକୁର, ମଧୁସୂଦନ ପ୍ରଧାନ ପରିଚାଳନା କରିଥିଲେ। ଜିଲା ସଙ୍ଗଠନ ସମ୍ପାଦକ ପଦ୍ମ ଲୋଚନ ନାଏକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ୧୬ ଜଣ ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକ ସମେତ ୧୬ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ପ୍ରଭୁଦତ୍ତ ପୁରୋହିତ, ରତନ ସିଂ ବାରିକ, ନୀଳିମାରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା ଓ ଧନଞ୍ଜୟ ମଲ୍ଲିକ ପ୍ରମୁଖ ଗୁରୁଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ଦିଶାମୟୀ ବାରିକ ସ୍ୱାଗତ ସମ୍ଭାଷଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଯଥାକ୍ରମେ ଦିଶାମୟୀ ବାରିକ, ଝୁମୁକା ମହାନନ୍ଦ ଓ ରାଧିକା ପାଣ୍ଡେଙ୍କୁ ପୁରସ୍କୃତ କରାଯାଇଥିଲା।

**ନୂଆପଡ଼ା (ମକାରୁ ବେମାଲ)**

ନୂଆପଡ଼ା ମିନି ଷ୍ଟାଡିୟମଠାରେ ଗୁରୁବାର ଜିଲାସ୍ତରୀୟ ଗୁରୁ ଦିବସ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଦିବସର ମହତ୍ୱ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଶୈକ୍ଷିକ ଉତ୍କର୍ଷତା ପାଇଁ ୫୧ ଜଣ, ବ୍ଲକସ୍ତରରେ ୫୪୭ ଜଣ ଓ ଭାଷାବୃତ୍ତି ପୁରସ୍କାର ୧୧୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଲାଞ୍ଜିଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ମାନସ ରଞ୍ଜନ ରଥ ମୁଖ୍ୟବକ୍ତା ଓ ଲାଞ୍ଜିଗଡ ତହସିଲଦାର କିରଣ କୁମାର ମହାନ୍ତି, ରାଜ୍ୟ ଶିକ୍ଷକ ସଂଘର ପୂର୍ବତନ ସଭାପତି ବିଜୟ ବିଶୋଇ, ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର, ରାଜ୍ୟ ସଂଘ ଉପସଭାପତି ଆଶିଷ ପାଢ଼ୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାରକାନ୍ତ ବିଶାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନିହାରକାନ୍ତ ବିଶାଳଙ୍କୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଶିକ୍ଷକ ସମ୍ମାନ ଓ ଜିଲାର ୧୩ ବ୍ଲକର ୫୦ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କଳାହାଣ୍ଡି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**କୋମନା (ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ସରସ୍ୱତୀ ଶିଶୁମନ୍ଦିର ବୁଦ୍ଧିକୋମନାଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସୁପ୍ରଭା ପାଢ଼ୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୁବରାଜ ପଟେଲ, ଦିଗମ୍ବର ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରି ଗୁରୁଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଦୟାନିଧି ଦୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜୁନାଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ଆଦର୍ଶ ଶିକ୍ଷକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।




ନୂଆପଡ଼ାଠାରେ ଆୟୋଜିତ ସମାରୋହରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଜନ୍ମଦାତ୍ରୀ ମା' ପ୍ରଥମ ଗୁରୁ

**ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଗୁରୁ ଦିବସ**

ବିନିକା, ୫।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। କଲେଜ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଅଧ୍ୟାପକ ଗୋପାଳକୃଷ୍ଣ ଦାଶ। ଅଧ୍ୟାପକ ଗୁରନାରାୟଣ ଦାଶ ତାଙ୍କ ଅଭିଭାଷଣରେ ଜନ୍ମଦାତ୍ରୀ ମା' ପ୍ରଥମ ଗୁରୁ ବୋଲି କହିଥିଲେ। ଅଧ୍ୟାପକ ବାଣୀ ପ୍ରସାଦ ବିଶ୍ୱାଳ ରାମଚନ୍ଦ୍ରଙ୍କ ଗୁରୁଭକ୍ତି ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ସାଧୁ ଚରଣ ସାହୁ ବୈଦିକ ଯୁଗର ଗୁରୁ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶଶାଙ୍କ ଶେଖର ଦାଶ, ରଶ୍ମୀତା କାଣ୍ଡ, ନନ୍ଦିତା ନାୟକ ଗୁରୁ ଶିଷ୍ୟ ପରମ୍ପରା ଉପରେ କହିଥିଲେ। ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜ୍ଞାନରୂପକ ଆଲୋକ ପ୍ରଦାନ କରନ୍ତି ଗୁରୁ

ଅମରପାଲି,୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର କଲେଜରେ ଅଧକ୍ଷ ଡ.ହିମାଂଶୁ ଶେଖର ପାଢ଼ୀଙ୍କ ଆବାହକତ୍ୱରେ ଗୁରୁଦିବ ସମାରୋହ ଅନୁଷ୍ଠିତ ହୋଇଥିଲା। ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗୁରୁଦିବସରେ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗୁରୁପୂଜନ କରିଥିଲେ। ଅମରପାଲି ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖଶ୍ୟାମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗୁରୁଦିବସରେ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଉପସ୍ଥିତ ଥିଲେ। ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁଦିବସରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରୁଦ୍ରାକ୍ଷ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗୁରୁମାନେ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋବିନ୍ଦ ସେଠୀ ସଂଯୋଜନା କରିଥିଲେ। ଆକାଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅରବିନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ଗୁରୁଦିବସରେ ବୀରମହାରାଜପୁର କଲେଜ ଅଧକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ମନରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁନିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜୀବନ ବ୍ୟାପି ସାଧନା ପାଇଁ ଶିକ୍ଷକ ଅରବିନ୍ଦ ରଣା,ବସନ୍ତ କୁମାର ସାମଲ ଓ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।



ବୀରମହାରାଜପୁର କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁମାନେ।

**ବୀରମହାରାଜପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳନ**

# ବ୍ଲକସ୍ତରୀୟ ଗୁରୁଦିବସ, ୧୦ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

ବିନିକା, ୫।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନହଲଠାରେ ଗୁରୁବାର ବ୍ଲକସ୍ତରୀୟ ଗୁରୁଦିବସ ଶିକ୍ଷକ ସଂଘ ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଇଓ ଘନଶ୍ୟାମ ସାହୁ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡ଼ ଜ୍ୟୋତିରଞ୍ଜନ ବହିଦାର,ସମ୍ମାନିତ ଅତିଥି ପୂର୍ବତନ ବିଇଓ ଶଶୀଭୂଷଣ ସେଠୀ, ଏବିଇଓ ବସନ୍ତ ଭୋଇ, ଏବିଇଓ ସସ୍ମିତା ପଟ୍ଟନାୟକ ଯୋଗଦେଇ ଗୁରୁମାନଙ୍କର ସମାଜ ପ୍ରତି କର୍ତ୍ତବ୍ୟ ବିଷୟରେ କହିଥିଲେ। ଅଧକ୍ଷ ପଣ୍ଡା ତାଙ୍କ ବକ୍ତବ୍ୟରେ ଗୁରୁଜୀଗୁରୁମାମାନେ ସର୍ବଦା ନିଜ କର୍ତ୍ତବ୍ୟ ସୂଚାରୁରୂପେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପରିପେକ୍ଷୀରେ ୧୦ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୋନପୁର ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ହିମାଂଶୁ ଭୂଷଣ ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।




ବ୍ଲକସ୍ତରୀୟ ଗୁରୁଦିବସରେ ଅତିଥିମାନେ।

# ୩୪ ଲିଟର ମଦ ଜବତ, ୨ ଗିରଫ

ବିନିକା, ୫।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ୩୪ ଲିଟର ମଦ ଜବତ କରିଛି। ଏଥିରେ ସଂଶ୍ଲିଷ୍ଟ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ବିନିକା ବ୍ଲକ ବାଉଁଶୁଣୀ ଗ୍ରାମ ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଙ୍ଗ ବେଳେ ମଦ ଧରି ଆସୁଥିବା ବାଉଁଶୁଣୀ ଗ୍ରାମର ବିପିନ ପାଣ୍ଡେଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ୧୮ ଲିଟର ମଦ ଜବତ ହୋଇଥିଲା। ସେହିପରି ଫବସି ଗ୍ରାମର ଭୀମ ଭୁଏଙ୍କଠାରୁ ୧୬ ଲିଟର ମଦ ଜବତ ହୋଇଥିଲା। ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ଅବକାରୀ ଅଧିକାରୀ ବଳବୀର ଗଡନାଏକ ସୂଚନା ଦେଇଛନ୍ତି। ଏହି ଚଢାଉରେ ଏଏସଆଇ ଡୋଳାମଣି ପଧାନ, ପିଣ୍ଟୁ ସାହୁ ସାମିଲ ଥିଲେ।

# କାଶୀନାଥ ମହାବିଦ୍ୟାଳୟରେ ଗୁରୁଦିବସ




ସଭାରେ ମଞ୍ଚାସୀନ ଅତିଥି।

ଡୁଙ୍ଗୁରିପାଲି, ୫।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ପହଣ୍ଡି କାଶୀନାଥ ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ହାଇସ୍କୁଲ ଗଧାପାଲିର ପ୍ରଧାନ ଶିକ୍ଷକ ସଦାନନ୍ଦ ପଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନଭଞ୍ଜନ ସା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଲିଙ୍ଗରାଜ ରଣା ମଞ୍ଚାସୀନ ଥିଲେ। ସୁନାପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। ଗଣେଶ୍ୱର ନାଏକ ଓ ନେତ୍ରାନନ୍ଦ ବାଗଙ୍କ ସହ କଲେଜର ଛାତ୍ରୀ ଉର୍ମିଳା ମେହେର ଓ କ୍ରିଷ୍ଣା ବଢେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟାପିକା ଚନ୍ଦ୍ରମା ବିଶ୍ୱାଳ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧକ୍ଷା କୁମାରୀ ସାଇସ୍ମିତା ବରାଇଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଗାୟତ୍ରୀ ମହାକୁଡ଼, ପିଙ୍କି ଭୋଇ, ଡିଳେଶରୀ ସେଠ, ଅଧ୍ୟାପକ ରାକେଶ ସାହୁ, କ୍ଷୀରୋଦ୍ର ବାଗ ଓ ସୁବ୍ରତ କୁମାର ପୁଟେଲ, ବର୍ଷାରାଣୀ ଡାଙ୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଦନ୍ତିଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡି କନପା ଓ ତିଲପଙ୍ଗା ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର

ବଘିଅପଡା,୫।୯(ଶ୍ରୀକାନ୍ତ ସାହୁ)

ଗୁରୁବାର ସକାଳ ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ଖଣ୍ଡି କନପା ଓ ତିଲପଙ୍ଗା ଅଞ୍ଚଳର ଅନେକ ସ୍ଥାନରେ ମାଓବାଦୀ ବିରୋଧୀ ପୋଷ୍ଟର ଦେଖିବାକୁ ମିଳିଛି । ରାସ୍ତା ଉପରେ ବିଭିନ୍ନ ସ୍ଥାନରେ କନ୍ଧମାଳ-ବୌଦ୍ଧ ଆଦିବାସୀ ସୁରକ୍ଷା ମଞ୍ଚ ଅନୁଷ୍ଠାନର ଆହ୍ୱାନ ଥିବା ପୋଷ୍ଟର ଦେଖିବାକୁ ମିଳିଛି । ଛତିଶଗଡ ମାଓବାଦୀମାନେ ଆଦିବାସୀଙ୍କୁ ଢ଼ାଲ କରି ଚାନ୍ଦା ଆଦାୟ କରିବା ଓ ପୋଲିସ ଇନ୍‌ଫର୍ମର କହି ଆଦିବାସୀ ଛାତ୍ର ଓ ବୃଦ୍ଧଙ୍କୁ ଛତିଶଗଡ ରାଜ୍ୟରେ ହତ୍ୟା କରାଯାଉଥିବା ପୋଷ୍ଟରରେ ଅଭିଯୋଗ କରାଯାଇଛି। ଏଣୁ ଏମାନଙ୍କୁ ସାହାଯ୍ୟ ନ କରିବାକୁ ପୋଷ୍ଟରରେ ନିବେଦନ କରାଯାଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଅରମାନ

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)

ବୟସ ମାତ୍ର ୨ ବର୍ଷ ୬ ମାସ। ଠିକ୍‌ରେ କଥା ବି କହି ଶିଖିନାହିଁ। ମାତ୍ର ମୁହଁରେ ମହାପ୍ରଭୁଙ୍କ ଅନର୍ଗଳ ଶ୍ଳୋକ ଉଚ୍ଚାରଣ କରୁଛନ୍ତି ଅଢେଇ ବର୍ଷର ଶିଶୁ ଅରମାନ। ପଶୁପକ୍ଷୀ, ଯାନ ଯାନବାହାନ, ଜାତୀୟ ସଙ୍କେତ ବିଭିନ୍ନ ରଙ୍ଗ, ଆକୃତି, ଶରୀରର ଅଙ୍ଗ ପ୍ରତ୍ୟଙ୍ଗ, ଦେବା ଦେବୀଙ୍କ ନାମ, ସପ୍ତାହ ଏବଂ ମାସ ମାନଙ୍କର ନାମ ଏସବୁକୁ ଇଂଲିଶରେ କହି ସେ ମନ ମୋହି ନେଉଛନ୍ତି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ (ଗଧାପାଲି) ଗ୍ରାମର କ୍ରିଷ୍ଣାରାଣୀ ପଧାନ ଓ ବାପା ରତନ ବିଶ୍ୱାଳଙ୍କ ପୁଅ ଅରମାନ । ଏଇ କଅଁଳ ବୟସରେ ସେ ଇଣ୍ଡିଆ ବୁକ ଅଫ ରେକର୍ଡ ଅର୍ଜନ କରିଛି। ଏହି ରେକର୍ଡର ମହତ୍ତ୍ୱକୁ ବୁଝୁ ନ ଥିବା ଅରମାନ ଆଜି ବଢାଇ ଦେଇଛି ତା' ର ମା ବାପାଙ୍କ ଗୁରୁତ୍ୱ । ମାତ୍ର ୮/୯ ମାସରେ କଥା କହିବା ଆରମ୍ଭ କରିଥିବା ଅରମାନ ୨୧ ମାସରେ ସ୍ପଷ୍ଟ ଭାବରେ କିଛି କିଛି ବାକ୍ୟ ଉଚାରଣ କରିଥିଲେ। ଏହା ସହ ତାର ବିଚକ୍ଷତା ସ୍ମରଣ ଶକ୍ତିକୁ ଦେଖି ପୁରା ପରିବାର ଖୁସି ହୋଇଥିଲେ। ଏହା ପରେ ମା' କ୍ରୀଷ୍ଣା ପୁଅକୁ ଉଚିତ ଶିକ୍ଷା ଦେବା ଆରମ୍ଭ କରିଥିଲେ। ବିଭିନ୍ନ ବହି, ଖେଳଣା ଏବଂ ଜିନିଷ ପତ୍ର କିଣି ଅରମାନ ପାଇଁ ଉପଯୋଗ କରିଥିଲେ। ପୁଅ ମଧ ତାଙ୍କ ମା' ଠାରୁ ଶିକ୍ଷା ଲାଭ କରି ଇଣ୍ଡିଆ ବୁକ ଅଫ ବୁକ ରେକର୍ଡରେ ଅଧିକାରୀ ହୋଇ ପାରିଛନ୍ତି। ଆଗକୁ ଅରମାନକୁ ଅଧିକ ଶିକ୍ଷାଦେଇ ଆହୁରି ରେକର୍ଡ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି କ୍ରିଷ୍ଣା ।




ଶିଶୁ ପ୍ରତିଭା ଅରମାନ ପଧାନ।

## ମୋବାଇଲ ଟାୱାର ସ୍ଥାପନ ପାଇଁ ବିକ୍ଷୋଭ

ବୌଦ୍ଧ, ୫।୯ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଆଜି ବି ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ମହାଲିକପଡା ପଞ୍ଚାୟତବାସୀଙ୍କ ପାଇଁ ମୋବାଇଲ ସେବା ଅପହଞ୍ଚ ହୋଇଛି। ଏନେଇ ଗୁରୁବାର ଦିନ ମହାଲିକପଡା ବିକାଶ ପରିଷଦ ପକ୍ଷରୁ ଆବାହକ ଅମର ପ୍ରଧାନ, ବିଜେଡି ନେତା ଅବକାଶ ସାହୁ, ଘାସିରାମ ରଣା ଓ ପ୍ରକାଶ ରଣାଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିବା ସହିତ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ମହାଲିକାପଡାଠାରେ ତୁରନ୍ତ ମୋବାଇଲ ଟାୱାର ସ୍ଥାପନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ବାବୁଲ ମାଝି, ଗଜେନ୍ଦ୍ର ପ୍ରଧାନ, ହୃଦାନନ୍ଦ ଦେହୁରୀ, ଶେଷଦେବ ସାହୁ, ସୁନୀଲ ରଣା, ଶିଶିର ମଲ୍ଲିକ, ସଚ୍ଚିଦାନନ୍ଦ କ୍ଷେତୀ, ଏମ.ସାହୁ ପ୍ରମୁଖ ସାମିଲ ଥିଲେ।

# ଗଣ୍ଡଗୋଳ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

ବୌଦ୍ଧ ସହକାରୀ ଦୌରାଜଜ୍(ସିଜେଏମ) ବିଶ୍ୱେଶ୍ୱର ବିଶ୍ୱ ପ୍ରକାଶ ରାୟ ଗୁରୁବାର ଏକ ଗଣ୍ଡଗୋଳ ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୭।୬।୨୦୨୦ରେ ବାଉଁଶୁଣୀ ଥାନା ସାହୁପଡା ଗ୍ରାମର ବସନ୍ତ ମହଲାଙ୍କ ସାନପୁଅ ଗ୍ରାମରେ ଥିବା ଜଣେ ଟିଭି ମେକାନିକଙ୍କ ଘରକୁ ଯାଇ ସେଠାରୁ କାନ୍ଦି କାନ୍ଦି ଫେରିଥିଲେ। ମହଲାଙ୍କ ଅନ୍ୟ ଦୁଇପୁଅ ସଙ୍ଗମ ଓ ସାଗର ସାନଭାଇର କାନ୍ଦିବାର କାରଣ ପଚାରି ବୁଝିଥିଲେ। ଏହି ସମୟରେ ଅଭିଯୁକ୍ତ ଗୋପ ବେହେରା ସେଠାକୁ ହାତରେ ଏକ ଛୁରୀ ଧରି ଆସି ଗାଳି କରିବା ସହିତ ମହଲାଙ୍କ ଦୁଇ ପୁଅଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ଗୋପଙ୍କ ପୁଅ ଶିବା ଓରଫ ରାକେଶ ବେହେରା, ପତ୍ନୀ ଓ ଭଉଣୀ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଆହତ ଦୁଇପୁଅଙ୍କୁ ପ୍ରଥମେ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୁବର୍ଣ୍ଣପୁର ମେଡିକାଲରେ ଚିକିତ୍ସା କରାଯାଇଥିଲା । ଏନେଇ ଗତ ୮।୬।୨୦୨୦ରେ ବସନ୍ତ ମହଲା ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମନମୁଣ୍ଡା ପୋଲିସ ଥାନାରେ ନମ୍ବର ୫୬/୨୦ରେ ମାମଲା ରୁଜୁ କରି ଘଟଣାରେ ଅଭିଯୁକ୍ତ ଗୋପ ବେହେରା, ଶିବା, ସ୍ତ୍ରୀ ସ୍ନେହଲତା ବେହେରା ଓ ଭଉଣୀ କମଳା ବେହେରାଙ୍କ ନାମରେ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ ନମ୍ବର ୪୧/୨୨ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ରାୟ ଦେଇଛନ୍ତି।

# ବିଧାନସଭାରେ ଉଠିଲା ସୁରୁବାଲି ଯୋର ପ୍ରକଳ୍ପ ପ୍ରସଙ୍ଗ

ଅମରପାଲି,୫।୯(ପୀତାମ୍ବର ସାହୁ)

ପ୍ରସ୍ତାବିତ ସୁରୁବାଲି ଯୋର ଜଳସେଚନ ପ୍ରକଳ୍ପ ବୀରମହାରାଜପୁର ଅଞ୍ଚଳବାସୀଙ୍କ ଏକ ଦୀର୍ଘଦିନର ଦାବି। ଜାରଙ୍ଗ ପାର୍ବତ୍ୟାଞ୍ଚଳରୁ ବାହାରିଥିବା ସୁରୁବାଲି ଯୋର ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳ ଦେଇ ସୁବର୍ଣ୍ଣପୁର ଜିଲା ସୁବଳୟାଠାରେ ମହାନଦୀରେ ମିଶିଛି। ପୂର୍ବତନ ବିଧାୟକ ବୈଷ୍ଣବ ପ୍ରଧାନଙ୍କ ପ୍ରଚେଷ୍ଟାରେ ୨୦୦୫-୦୬ରେ ଏହି ପ୍ରକଳ୍ପ ପାଇଁ ବଲାଙ୍ଗୀର ଜଳସେଚନ ଅନୁସନ୍ଧାନ ବିଭାଗ ପକ୍ଷରୁ ପ୍ରାଥମିକ ସର୍ଭେ କରାଯାଇଥିଲା। ସେତେବେଳେ ବୀରମହାରାଜପୁର ବ୍ଲକର ୫୨ଟି ଗ୍ରାମର ୬୮୦୦ ହେକ୍ଟର ଓ ସମ୍ବଲପୁର ଜିଲାର ରେଢ଼ାଖୋଲ ବ୍ଲକର ୬ଟି ଗାଁର ୨୮୮ ହେକ୍ଟର (ମୋଟ ୭୦୮୮ ହେକ୍ଟର) ଚାଷଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବ ବୋଲି ବଲାଙ୍ଗୀର ଜଳସେଚନ ଅନୁସନ୍ଧାନ ବିଭାଗ ପକ୍ଷରୁ ପ୍ରାଥମିକ ସର୍ଭେ କରି କୁହାଯାଇଥିଲା। ଏଥିପାଇଁ ରେଢ଼ାଖୋଲ ବ୍ଲକର ତେନ୍ତେଲାଖୋଲଠାରେ ସୁରୁବାଲି ଯୋରରେ ପଥର ବନ୍ଧ ନିର୍ମାଣ କରାଯାଇ ବାମ ଏବଂ ଡାହାଣ ପାର୍ଶ୍ୱ କେନାଲ ଯୋଗେ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା କଥା ରିପୋର୍ଟରେ କୁହାଯାଇଥିଲା। ଏତଦାରା କୌଣସି ଚାଷଜମି କିମ୍ବା ଜନବସତିରେ ଆଦୌ ଜଳବୁଡ଼ି ହେବ ନାହିଁ ବୋଲି ରିପୋର୍ଟରେ କୁହାଯାଇଥିଲା । ତେବେ ସମନ୍ୱୟ ଓ ଆନ୍ତରିକତା ଅଭାବରୁ ସେତେବେଳେ ଏହି ପ୍ରକଳ୍ପ କାର୍ଯ୍ୟ କେବଳ ପ୍ରସ୍ତାବରେ ହିଁ ରହିଯାଇଥିଲା। ଏହା ପରଠୁଁ କେବଳ ନିର୍ବାଚନ ସମୟରେ ଏହି ପ୍ରକଳ୍ପ କଥା ପଡୁଥିଲା, ମାତ୍ର ଏହାର କୌଣସି ଅଗ୍ରଗତି ହେଉ ନ ଥିଲା। ତେବେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଚଳିତ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ ଉକ୍ତ ପ୍ରକଳ୍ପକୁ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ଫଳରେ ସ୍ଥାନୀୟ ଚାଷୀ ମହଲରେ ଆଶା ଉଜ୍ଜୀବିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରିଲେ ଉଭୟ ବୀରମହାରାଜପୁର ଓ ରେଢ଼ାଖୋଲ ଅଞ୍ଚଳର ଚାଷୀ ଉପକୃତ ହେବାସହ ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ ନୂତନ ସମ୍ଭାବନା ସୃଷ୍ଟି ହେବ ବୋଲି ସାଧାରଣରେ ଆଶା କରାଯାଉଛି।



ବିଧାୟକ ଇଂ ରଘୁନାଥ ଜଗଦଲା।

# ‘ଗୁରୁ ହେଉଛନ୍ତି ସମାଜର ଆଦର୍ଶ’

ବୌଦ୍ଧ,୫।୯(ଅଜିତ କୁମାର ବାରିକ)

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**

ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ କଚେରୀ ପଡିଆଠାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗଦେଇ ଗୁରୁ ହେଉଛନ୍ତି ସମାଜର ସର୍ବଶ୍ରେଷ୍ଠ ଆଦର୍ଶ ଏବଂ ନୂତନ ସମାଜ ଗଠନର ଆବାହକ ବୋଲି ମତପ୍ରକାଶ କରିଥିଲେ। ସାମ୍ପ୍ରତିକ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷାର୍ଥୀଙ୍କୁ ଏ ଦିଗରେ ନିଶ୍ଚିତ ଭାବରେ ଉତ୍ସାହିତ କରିବ ବୋଲି ଜିଲାପାଳ ପଣ୍ଡା କହିଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ସୌମିତ୍ରୀ କୁମାର ନାୟକ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇଥିଲେ । ଏହି ଅବସରରେ ଜିଲାସ୍ତରୀୟ ବିଦ୍ୟାର୍ଥୀ ମେଧାବୃତ୍ତି ୫୦ ହଜାର ଟଙ୍କା ଲେଖାଏ ୮ ଜଣଙ୍କୁ, ଜିଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ୨ ଜଣଙ୍କୁ ୧୦ ହଜାର ଟଙ୍କା, ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ୬୪ ଜଣଙ୍କୁ ୫ ହଜାର ଟଙ୍କା ଏବଂ ବ୍ଲକସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ୩୦୨ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ବ୍ୟାଙ୍କ ଖାତାରେ ପ୍ରଦାନ କରିବା ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲାର ୧୨ ଜଣ କୃତୀ ଶିକ୍ଷକ,୨ ଜଣ ରାଜ୍ୟ ପୁରସ୍କାରପ୍ରାପ୍ତ ଓ ଜଣେ ଜାତୀୟ ପୁରସ୍କାରପ୍ରାପ୍ତ ଏହିଭଳି ମୋଟ ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସସ୍ମିତ କୁମାର ମିଶ୍ର,ସନ୍ତୋଷ କର୍ଣ୍ଣ, ନବକିଶୋର ଦୀପ ଓ ଶୁଭସ୍ମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, କ୍ଲଷ୍ଟର ସଂଯୋଜକ ପ୍ରମୁଖ ସହଯୋଗ କରିଥିଲେ।



ସମାରୋହରେ ଅତିଥି।

# ୮୦୬ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁର,୫।୯(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ**

ସୁବର୍ଣ୍ଣପୁର ଟାଉନ ହଲରେ ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆନ୍ୟା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲୋ, ପୌରପରିଷଦ ଅଧକ୍ଷା ତାମସି ତାମସ୍ମିତା ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମାରୋହରେ ଜିଲାର ବିଭିନ୍ନ ସ୍କୁଲରୁ ୪୯ ଜଣ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୬୦୭ ଜଣଙ୍କୁ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୮ ଜଣଙ୍କୁ ମେରିଟ କମ୍ ସ୍କଲାରଶିପ ଆୱାର୍ଡ, ୧୪୦ଜଣଙ୍କୁ ଭାଷା ବୃତ୍ତି ଆୱାର୍ଡ଼ ଏହିପରି ସମୁଦାୟ ୮୪୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଇଓମାନେ ଉପସ୍ଥିତ ଥିଲେ। ଏଡିଇଓ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହନୁମାନ ବାଟିକାରେ ପାଳନ ହେବ ନୂଆଁଖାଇ




ରାଉରକେଲା,୫ା୯(ଦିନେଶ ମିଶ୍ର): ରାଉରକେଲା ଗୋଲ୍ଡ ଜିମ୍ ସ୍ଥିତ ଯୋଗ ହଲ ପରିସରରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପ୍ରସ୍ତୁତିକୁ ନେଇ ମା' ସମଲେଇଶ୍ୱରୀ ଚାରିଟ୍ରେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ଡକ୍ଟର ପଦ୍ମିନୀ ପାଣିଗ୍ରାହୀ ଓ ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଚଳିତ ବର୍ଷ ନୂଆଁଖାଇ ପର୍ବ ପାଳନକୁ ନେଇ ମତ ରଖିଥିଲେ। ଚଳିତ ବର୍ଷ ରାଉରକେଲା ହନୁମାନ ବାଟିକା ପରିସରରେ ଥିବା ମା' ସମଲାଇପୀଠରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ (ନବାନ୍ନ) ପର୍ବ ପାଳିତ ହେବ। ଏହି ପର୍ବ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ଦିନ ପ୍ରାତଃ ସାଢେ ୮ଟାରେ ମା' ସମଲେଇଙ୍କ ଷୋଡଶ ଉପଚାର ପୂଜା ସାଙ୍ଗକୁ ବିଶ୍ୱର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ସାମୂହିକ ପ୍ରାର୍ଥନା କରାଯିବ। ସକାଳ ୯ଟା ୧୨ ମିନିଟ୍‌ରେ ନବାନ୍ନ ଭୋଗ ଓ ପୀଠା ସମର୍ପଣ କରି ସମସ୍ତ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯିବ। ଏହି ପର୍ବରେ ପଶ୍ଚିମ ଓଡିଶାର କଳା ଓ ସଂସ୍କୃତିକୁ ନେଇ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୁଲଦୁଲି ବାଦ୍ୟ ପରିବେଷଣ କରାଯିବ ବୋଲି ଡକ୍ଟର ପାଣିଗ୍ରାହୀ ସୂଚନା ଦେଇଥିଲେ।

# ଏସ୍‌ଟିପି ହେଲାନି, ନଦୀରେ ମିଶୁଛି ବର୍ଜ୍ୟଜଳ

ରାଉରକେଲା,୫ା୯ (ସଙ୍ଗୀତା ଜେନା)

ରାଉରକେଲା ସହରର କୋଏଲ ନଗରଠାରେ ପ୍ରସ୍ତାବିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ଫଳରେ କୋଏଲନଗର, ଶକ୍ତିନଗର, ଝିରପାଣି ସମେତ ସେକ୍ଟରରୁ ଦୈନିକ ବାହାରୁଥିବା ବର୍ଜ୍ୟଜଳ ସିଧାସଳଖ କୋଏଲ ନଦୀରେ ମିଶୁଛି। ଫଳରେ ନଦୀଜଳ ପ୍ରଦୂଷିତ ହେବାରେ ଲାଗିଛି। କିଛିଦିନ ତଳେ ଏପରି ପ୍ରଦୂଷଣ ଯୋଗୁ ସହରରେ ଝାଡ଼ାବାନ୍ତି ବ୍ୟାପିବାରୁ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ହୋଇଥିବା ନଜିର ରହିଛି। କୋଏଲ, ବ୍ରାହ୍ମଣୀ ସମେତ ସହରର ଚତୁଃପାର୍ଶ୍ୱରେ ପ୍ରବାହିତ ନଦୀଗୁଡ଼ିକର ସମାନ ପରିସ୍ଥିତି ରହିଛି। ଜନବସତି, ଡାକ୍ତରଖାନା ଆଦିରୁ ପ୍ରବାହିତ ବିଷାକ୍ତ ଓ ପ୍ରଦୂଷିତ ଜଳ ଦିନକୁ ଦିନ ଏହାର ଗୁଣବତ୍ତା ଖରାପ କରୁଛି। ନଦୀ ପାର୍ଶ୍ୱ ଓ ଏହାର ଜଳ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରୁଥିବା ଲୋକେ ଚର୍ମରୋଗ ଓ ଅନ୍ୟାନ୍ୟ ବ୍ୟାଧିରେ ପୀଡିତ ହେଉଥିବା କୁହାଯାଉଛି। ଆଜି ପର୍ଯ୍ୟନ୍ତ ବର୍ଜ୍ୟଜଳର ଠିକ୍ ପରିଚାଳନା ଦିଗରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। କୋଏଲ ନଦୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏସ୍‌ଟିପି ନିର୍ମାଣ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ବନ୍ଦ କରାଯାଇଥିଲା। ଫଳରେ ପ୍ରଦୂଷିତ ଜଳ ନଦୀରେ ମିଶୁଛି। ଏପରିକି ୱାଟକୋ ପକ୍ଷରୁ ଜଳଯୋଗାଣ ପମ୍ପହାଉସ ନିକଟରେ ଏହି ବର୍ଜ୍ୟଜଳ ଝିରପାଣି, କୋଏଲନଗର ସମେତ ନଦୀ କୂଳରେ ଥିବା ବସ୍ତିଗୁଡ଼ିକର ନାଳନର୍ଦ୍ଦମା ଏହି ପାଣି ଜଳସ୍ରୋତରେ ମିଶୁଛି।

ଅପରପକ୍ଷେ ନଦୀ କୂଳରେ ରହୁଥିବା ଲୋକ ମାନେ ଏହି ଜଳ ଉପରେ ନିର୍ଭର କରୁଛନ୍ତି। ଏହାସହ ଗୃହପାଳିତ ପଶୁପକ୍ଷୀ ମଧ୍ୟ ନଦୀ ଉପରେ ନିର୍ଭରଶୀଳ। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କମିଶନରଙ୍କୁ ସ୍ଥାନୀୟ ବାସିନ୍ଦା ରାଜେଶ ଟପ୍ପୋ ଚିଠି ଲେଖି ଏସ୍‌ଟିପି ସମ୍ବନ୍ଧରେ ବର୍ତ୍ତମାନ ସ୍ଥିତି ଜାଣିବାକୁ ଚାହିଁଥିଲେ। ତେବେ ଉକ୍ତ ଏସ୍‌ଟିପି ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା କମିଶନର ଉତ୍ତର ଦେଇଥିଲେ। ଏ ସମ୍ପର୍କରେ ସ୍ୱେରେଜ ପ୍ଲାଣ୍ଟ (କୋଏଲନଗର) କନିଷ୍ଠ ଯନ୍ତ୍ରୀ ସୁକାନ୍ତ ବେହେରାଙ୍କୁ ପଚରାଯିବାରୁ ସେ କହିଲେ, କୋଏଲ ନଗର ଅଞ୍ଚଳର ସ୍ୱେରେଜ ଜଳକୁ ୧୫/୧୬ଟି ସ୍ଥାନରେ ପିଟ୍‌ରେ ରଖାଯାଉଛି। ସେଗୁଡ଼ିକୁ ସେସ୍ପୁଲ୍ ଟ୍ୟାଙ୍କର ସାହାଯ୍ୟରେ ବାଲୁଘାଟ ସ୍ଥିତ ଏସ୍‌ଟିପିକୁ ନେଇ ବିଶୋଧନ କରାଯାଇ ସାର ପ୍ରସ୍ତୁତ ହେଉଛି। ହେଲେ କୋଏଲନଗର ଓ ଅନ୍ୟ ଅଞ୍ଚଳରୁ ନିର୍ଗତ ଜଳ ନାଳନର୍ଦ୍ଦମାରେ ଆସି ସିଧାସଳଖ ନଦୀରେ ମିଶୁଛି। ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଇପାରିନାହିଁ। ସେକ୍ଟର-୨୦ ଅଞ୍ଚଳରେ ନୂତନ ଭାବେ ଏସ୍‌ଟିପି ନିର୍ମାଣ ପାଇଁ ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ଏଠାରେ ଖୁବ୍‌ଶୀଘ୍ର ଏସ୍‌ଟିପି ନିର୍ମାଣ ହେବ। ସମ୍ପୃକ୍ତ ମନ୍ତ୍ରାଳୟକୁ ବାରମ୍ବାର ଚିଠି ଲେଖି ଏହା ଅବଗତ କରାଯାଉଛି। ଶୀଘ୍ର ଏଠାରେ ଏସ୍‌ଟିପି ନିର୍ମାଣ ପାଇଁ ଆଶା ରହିଛି। ସେହିପରି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚରାଯିବାରୁ ସେ କହିଲେ, ଏସ୍‌ଟିପି ପାଇଁ ପାଣ୍ଠି ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ହେଲେ ଜମି ପାଇଁ ସମସ୍ୟା ରହିଛି। ଏ ସମ୍ବନ୍ଧରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ ମଧ୍ୟ କରାଯାଉଛି ବୋଲି ମଲ୍ଲିକ କହିଥିଲେ।



କୋଏଲନଗର ନିକଟ ନାଳରେ ପ୍ରବାହିତ ବର୍ଜ୍ୟଜଳ ।

## ବନ୍ଧମୁଣ୍ଡା: ବେଧଡ଼କ ଚାଲିଛି କୁକୁଡା ଲଢ଼େଇ

ରାଉରକେଲା,୫ା୯(ସଙ୍ଗୀତା ଜେନା)

ବନ୍ଧମୁଣ୍ଡା ବରକାନୀ ଓ ଉପରବାହାଲ ଗ୍ରାମ ସାଜିଛି କୁକୁଡ଼ା ଲଢ଼େଇ ଓ ଦେଶୀମଦ ବେପାରର ପେଣ୍ଠସ୍ଥଳୀ। ରାଉରକେଲା, ବନ୍ଧମୁଣ୍ଡା, ବିଶ୍ରା, ନୂଆଗାଁ ଅଞ୍ଚଳର ଶହ ଶହ ଲୋକ ଏଠାକୁ ଦୈନିକ ଖେଳିବାକୁ ଆସିଥାନ୍ତି। କୁକୁଡ଼ା ଲଢ଼େଇ ମାଧ୍ୟମରେ ଏଠି ଖୁଡ଼ଖୁଡ଼ି ଭଳି ଜୁଆଖେଳ ଚାଲିଛି। ଏହି କୁକୁଡ଼ା ଲଢ଼େଇ ବରକାନୀ ଅଞ୍ଚଳରେ ସପ୍ତାହରେ ୨ ଦିନ ଚାଲିଥିବା ବେଳେ ଉପରବାହାଲଠାରେ ଗୋଟିଏ ଦିନ ହେଉଛି। ବିଶେଷ କରି ଯେଉଁ ଗ୍ରାମରେ ଏହି ଖେଳ ହେଉଛି ତାହା ଆଦିବାସୀବହୁଳ ଗ୍ରାମ। ଏଠାରେ ଦିନମଜୁରିଆ ଓ ଖଟିଖିଆ ଶ୍ରେଣୀର ଲୋକ ନିଜ ସଞ୍ଚିତ ଅର୍ଥକୁ କୁକୁଡା ଲଢେଇରେ ବ୍ୟୟ କରୁଛନ୍ତି। ଫଳରେ ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ବିପନ୍ନ ହେଉଛି। ସ୍କୁଲ ଓ କଲେଜ ଛାତ୍ର ମଧ୍ୟ ଏଥିରେ ନିଜକୁ ସାମିଲ କରୁଥିବା ଅଭିଯୋଗ ହେଉଛି। କିଛି ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବନ୍ଧମୁଣ୍ଡା, ବିଶ୍ରା ଅଞ୍ଚଳରେ ସପ୍ତାହକୁ ୪ଦିନ କୁକୁଡ଼ା ଲଢ଼େଇ ହେଉଥିବା ବେଳେ ଏଠାକାର ପୋଲିସ ପ୍ରଶାସନ ସ୍ଥାଣୁ ହୋଇଯାଇଛି। ଏହାକୁ ବନ୍ଦ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଥାନା ପକ୍ଷରୁ ବାରମ୍ବାର ପାଟ୍ରୋଲିଂ କରାଯାଉଛି। ସମ୍ଭବତଃ ଜଙ୍ଗଲ ଅଞ୍ଚଳରେ ଏପରି ଖେଳ ହେଉଥିବା ଯୋଗୁ ସେମାନେ ପୋଲିସ ନିକଟରୁ ବର୍ତ୍ତିଯାଉଛନ୍ତି। ଆଗାମୀ ଦିନରେ ଅଧିକ ଥର ପାଟ୍ରୋଲିଂ କରାଯିବ ବୋଲି ମହାପାତ୍ର କହିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଏବଂ ଅନ୍ୟମାନେ।

ରାଉରକେଲା,୫ା୯(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଭାପତି ନବଘନ ସାହୁଙ୍କ ଆବାହକତ୍ୱରେ ବାର୍ଷିକୋତ୍ସବ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ଓ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ଖେଳ ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ପ୍ରତିଯୋଗିତାକୁ ବିଶ୍ୱନାଥ ଜେନା, ରବୀନ୍ଦ୍ର କୁମାର ସରାଫ ଓ ପି.କେ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ଗିରିଜା ଶଙ୍କର ଗୋସ୍ୱାମୀ, ରବିନାରାୟଣ ସିଂହ, ନିରଦ ଭୂଷଣ ପଟ୍ଟନାୟକ, ହରିହର ଶତପଥୀ, ଲକ୍ଷ୍ମଣନାଥ ଦାସ, ଏସ୍.ଏନ୍. ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ଅଶୋକ କୁମାର ଶୁକ୍ଳା, ସୁଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ବୟୋଜ୍ୟେଷ୍ଠ ବି. କେ. ପଣ୍ଡା, ଅଭୟ କୁମାର ଦାସ, ସବିତା ସାହୁ, ସନ୍ତୋଷ କୁମାର ମିଶ୍ର, ବିମଳ ବିଶି, ପ୍ରତାପ ଚନ୍ଦ୍ର ମହାନ୍ତି, ରାଧାମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ସପରିବାର ଯୋଗ ଦେଇଥିଲେ।

## ଶ୍ରମିକ ନେତାଙ୍କ ମହାପ୍ରୟାଣ ଦିବସ ପାଳିତ

ରାଉରକେଲା,୫ା୯(ସଙ୍ଗୀତା ଜେନା)

ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ସହବନ୍ଧିତ ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍) ପକ୍ଷରୁ ରାଉରକେଲାର ପ୍ରଥମ ବିଧାୟକ ତଥା ବିଶିଷ୍ଟ ସମାଜବାଦୀ ଶ୍ରମିକ ନେତା ରାଜକିଶୋର ସାମନ୍ତରାୟ ୨୧ତମ ମହାପ୍ରୟାଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ଆହ୍ୱାନକ୍ରମେ ଏକ ସ୍ମୃତିସଭା ବିଶ୍ରା ରୋଡ୍ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଜେଡି ନଗର ସଭାପତି ଗଗନ ପଣ୍ଡା, ମହେଶ୍ୱର ମହାପାତ୍ର, ଉମେଶ ଚନ୍ଦ୍ର ମଲ୍ଲିକ, ଅଜୟ ନାୟକ, ଜଗବନ୍ଧୁ ଜେନା, ଦିଲୀପ ଜେନା, ଗୌତମ ମହାରଣା, ଅଶୋକ ତରାଇ, ନଟବର ପାତ୍ର, ବିମଳ ବେହୁରିଆ, ମହେନ୍ଦ୍ର ବାଗଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସ୍ୱର୍ଗତ ସାମନ୍ତରାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଜେଡି ନଗର ସଭାପତି ପଣ୍ଡା ସ୍ୱର୍ଗତ ସାମନ୍ତରାୟଙ୍କ ଗୁଣାବଳୀକୁ ଅନୁସରଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ମହେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସକାଳେ ରାଉରକେଲା କଳ୍ପତରୁ ଆଶ୍ରମରେ ଫଳବଣ୍ଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଆର୍‌ଏମ୍‌ଏସ୍ ଇସ୍ପାତ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ତିଳତର୍ପଣ କରି ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।



ବିଶ୍ରା ରୋଡ୍ ଅଫିସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ହାଇଟେକ୍ ହସ୍ପିଟାଲରୁ ଚୋରି, ୨ ଗିରଫ

ରାଉରକେଲା, ୫ା୯(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରୁ ୮୨ ମିଟର ଏସି କପର କେବୁଲ ଚୋରି ଅଭିଯୋଗରେ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦେଓଗାଁ ମେହେରବସ୍ତିର ଶଙ୍କର କୁମ୍ଭାର(୩୦) ଓ ସୋନୁ ଲୋହାର(୧୯)। ଏ ନେଇ ପୋଲିସ ଏକ ମାମଲା (ନଂ.୪୩୪/୨୪) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ହସ୍ପିଟାଲ ନୂଆ ଆଇସିୟୁ ନିକଟରେ ବ୍ୟାଗରେ ଏହି କେବୁଲଗୁଡ଼ିକ ଭର୍ତ୍ତି କରୁଥିଲେ। ତାଙ୍କୁ ସିକ୍ୟୁରିଟି ଅଫିସର ରାଧାକୃଷ୍ଣ ସମାସୀ କାବୁ କରି ଥାନାକୁ ହସ୍ତାନ୍ତର କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଶିକ୍ଷକ, ଛାତ୍ର ସମାଜ ବିନା ଦେଶର ପ୍ରଗତି ଅସମ୍ଭବ

ରାଉରକେଲା,୫ା୯(ବିପ୍ଳବ ରଞ୍ଜନ ଦାଶ)

### ମୁଖ୍ୟ ଅତିଥିଙ୍କ ଭାଷଣକୁ ଶିକ୍ଷକଙ୍କ ବିରୋଧ

ରାଉରକେଲା ଉପହାର ପେଲେସଠାରେ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଓ ଗୁରୁଦିବସ ପାଳନ ମହାସମାରୋହରେ ମୁଖ୍ୟଅତିଥି ଭାବେ ଏନ୍‌ଆଇଟି ନିର୍ଦ୍ଦେଶକ ଡକ୍ଟର କେ. ଉମା ମହେଶ୍ୱର ରାଓ ଯୋଗ ଦେଇଥିଲେ। ତେବେ ସେ ବକ୍ତବ୍ୟ ଦେଉଥିବା ବେଳେ ଜଣେ ଶିକ୍ଷକ ମଞ୍ଚ ଉପରକୁ ଉଠିଯାଇ ତାଙ୍କୁ ଆଙ୍ଗୁଳି ଦେଖାଇ ବିରୋଧ କରିଥିଲେ। ବିଧାୟକ ଦୁର୍ଗାଚରଣ ତନ୍ତୀ ସେଠାରୁ ଚାଲିଯିବାକୁ କହିବାରୁ ଶିକ୍ଷକ ଜଣଙ୍କ ମଞ୍ଚ ତଳକୁ ଓହ୍ଲାଇ ଯାଇଥିଲେ। ଏ ସମ୍ପର୍କରେ ବିଇଓ ସଦାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଘଟଣାଟି ସତ୍ୟ। ଏଭଳି ବ୍ୟବହାର କରିବା ଉଚିତ ନ ଥିଲା। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି ବିଇଓ ପ୍ରଧାନ କହିଥିଲେ।

ରାଉରକେଲା ସେକ୍ଟର-୧୮ ଉପହାର ପେଲେସଠାରେ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମଜୟନ୍ତୀ ଓ ଗୁରୁଦିବସ ମହାସମାରୋହରେ ଗୁରୁବାର ପାଳିତ ହୋଇଯାଇଛି। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ଡକ୍ଟର କେ. ଉମା ମହେଶ୍ୱର ରାଓ ମୁଖ୍ୟଅତିଥି, ରାଉରକେଲା ମ୍ୟୁନିସିପାଲ କଲେଜ ଅଧକ୍ଷ ସନାତନ ପ୍ରଧାନ ମୁଖ୍ୟ ବକ୍ତା, ବିପିୟୁଟିରେ ଉପକୁଳପତି ପ୍ରଫେସର ଡକ୍ଟର ଅମିୟ କୁମାର ରଥ ସ୍ୱତନ୍ତ୍ର ଅତିଥି ଏବଂ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ତନ୍ତୀ ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ, ଭାରତର ଶିକ୍ଷା ଓ ସଂସ୍କୃତି ବିଶ୍ୱ ବନ୍ଦନୀୟ। ସମୟ ଥିଲା ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ବିଦେଶର ଛାତ୍ରୀଛାତ୍ର ଶିକ୍ଷା ପ୍ରାପ୍ତି ପାଇଁ ଆସୁଥିଲେ। ସମୟ ଥିଲା ଭାରତୀୟ ସଂସ୍କୃତିରେ ଗୁରୁର ସ୍ଥାନ ସର୍ବାଗ୍ରେ ଥିଲା। ମାତ୍ର ବର୍ତ୍ତମାନ ବିଦେଶ ସଂସ୍କୃତି ଦ୍ୱାରା ଭାରତୀୟ ଗୁରୁଶିଷ୍ୟ ସଂସ୍କୃତି ବେଶ୍ ପ୍ରଭାବିତ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ପ୍ରଧାନ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱତନ୍ତ୍ର ଅତିଥି ପ୍ରଫେସର ରଥ କହିଥିଲେ ଯେ, ଗୁରୁ ଶିଷ୍ୟ ଏବଂ ଛାତ୍ର ସମାଜ ଦ୍ୱାରା ହିଁ ଦେଶ ଓ ବିଶ୍ୱର ଉନ୍ନତି ସାଧନ ହୋଇଥାଏ। ସୁଦକ୍ଷ ଶିକ୍ଷକ ବିନା ସୁଦକ୍ଷ ଛାତ୍ର ଗଠନ ଅସମ୍ଭବ। ସୁଦକ୍ଷ ଶିକ୍ଷକ ସମାଜ ହିଁ ସୁଦକ୍ଷ ଶିକ୍ଷା ପ୍ରଦାନ କରିବାର ସାମର୍ଥ୍ୟ ରଖେ ଏବଂ ଶିକ୍ଷାସ୍ତରକୁ ବିକଶିତ କରି ଛାତ୍ର ସମାଜ ମାଧ୍ୟମରେ ଦେଶ ଓ ବିଶ୍ୱ କଲ୍ୟାଣରେ ସମର୍ପିତ ହୁଏ। ମାତ୍ର ଶିକ୍ଷକ ଯଦି ସୁଦକ୍ଷ ନ ରହିବେ ତାହେଲେ ଶିକ୍ଷା ଅଭାବରୁ ଛାତ୍ର ସମାଜ ଅବାଟକୁ ଯିବ। ଫଳରେ ଦେଶ ଓ ବିଶ୍ୱରେ ହତ୍ୟା, ଦୁରାଚାର, ଅନୀତି ବ୍ୟାପିବା ନିଶ୍ଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ପଧାନ ଭାରତୀୟ ବେଦପୁରାଣ ଶାସ୍ତ୍ରାଦିର ଉଦାହରଣ ଦେଇ ଗୁରୁଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। ସେହିପରି ମୁଖ୍ୟଅତିଥି ପ୍ରଫେସର ରାଓ କହିଥିଲେ ଯେ, ଶିକ୍ଷକ ସମାଜ ସୁଦକ୍ଷ ଛାତ୍ର ସମାଜ ଗଠନ ଲାଗି ସମର୍ପଣ ମନୋଭାବୀ ହେବା ଦରକାର। ଶିକ୍ଷକ ସମାଜ ମନ, ବଚନ ଓ କର୍ମରେ ଯଦି ନିଜ ବିଦ୍ୟାର୍ଥୀଙ୍କ ଉନ୍ନତି ଚାହିଁବେ ତେବେ ଆମ ସମାଜ ଏକ ଉନ୍ନତ ଓ ବିକଶିତ ସମାଜ ଭାବେ ଗଢିଉଠିବ ବୋଲି ସେ କହିଥିଲେ। ସେକ୍ଟର-୬ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଭାପତି ଲତିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚକ୍ଷୁଦାନର ମହତ୍ତ୍ୱକୁ ନେଇ ସଚେତନତା



ଆର୍‌ଜିଏଚ୍ ଆଇଏମ୍‌ଏ ପରିସରରେ ଉପସ୍ଥିତ ଡାକ୍ତରଗଣ।

ରାଉରକେଲା,୫ା୯(ସଙ୍ଗୀତା ଜେନା)

ଚକ୍ଷୁଦାନର ମହତ୍ୱ ସମ୍ପର୍କରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ର ଚକ୍ଷୁ ବିଭାଗରେ ବିବିଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯୁବପିଢ଼ିଙ୍କ ମଧ୍ୟରେ ଚକ୍ଷୁଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ସକାଳେ ଆରଜିଏଚ୍ ଡାକ୍ତର ଏବଂ ପାରାମେଡିକାଲ କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଆର୍‌ଜିଏଚ୍ ପରିସରରେ ଥିବା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ରାଉରକେଲା ଶାଖା କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ କର୍ଣ୍ଣାଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡ. ସମୀର ପାତ୍ର କର୍ଣ୍ଣିଆ ପ୍ରତିରୋପଣ ସମ୍ପର୍କରେ ବର୍ଣ୍ଣନା କରିବା ସହ ଟେକ୍‌ନୋଲୋଜି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଆରଜିଏଚ୍ ନିର୍ଦ୍ଦେଶକ ଡା. ମନୋଜ ଉପାଧ୍ୟାୟ, ଆଇଏମ୍‌ଏ ନିର୍ଦ୍ଦେଶକ ଡା. ସତ୍ୟରଞ୍ଜନ ଦାସ, ସମ୍ପାଦକ ଦେବେନ୍ଦ୍ର ସେଠୀ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ପଣ୍ଡିତ ସାହୁ, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ଜୟେଶ ଟପ୍ପୋ, ବରିଷ୍ଠ ମେଡିକାଲ ଅଫିସର ଡା. ରଜତ ସାଡୁଆଲ୍, ବରିଷ୍ଠ ଆନାସ୍ଥେସିଆ ବିଶେଷଜ୍ଞ ଡା. ସଞ୍ଜୟ ରାୟ, ଚକ୍ଷୁବ୍ୟାଙ୍କ ସଂଯୋଜକ ନୀଳାଦ୍ରିଙ୍କ ସମେତ ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଓ ଟିମ୍ ତଥା ଆରଜିଏଚ୍ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡା. ସନ୍ତୋଷ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କୁକୁଡ଼ା ରେଳଫାଟକ ନିକଟରେ ହେଲା ଜମିଚିହ୍ନଟ

ରାଉରକେଲା/ବନ୍ଧମୁଣ୍ଡା,୫ା୯ (ସଙ୍ଗୀତା ଜେନା/ସୁବ୍ରତ ଡେ)

ବନ୍ଧମୁଣ୍ଡା ରେଳଖଣ୍ଡା କୁକୁଡ଼ା ରେଳଫାଟକ ସ୍ଥିତ ଏ କ୍ୟାବିନ୍ ନିକଟରେ ରେଳଧାରଣା ନିର୍ମାଣ କାର୍ଯ୍ୟ ପାଇଁ ଜମିବିବାଦ ଲାଗି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଜମିଚିହ୍ନଟ କରାଯାଇଛି। ବିଶ୍ରା ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରି ଡିମାର୍କେଶନ କରାଯାଇଥିଲା। ଏଥିରେ ସ୍ଥାନୀୟ ପୋଲିସ, ଆର୍‌ପିଏଫ୍, ଜିଆର୍‌ପି ଏବଂ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ପ୍ରାୟ ୪ଘଣ୍ଟା ଧରି ଡିମାର୍କେଶନ ପରେ ରେଳଧାରଣା ନିର୍ମାଣସ୍ଥଳରେ ଗ୍ରାମବାସୀଙ୍କ ପ୍ରାୟ ୧୫ଡେସିମିଲ ଜମି ଚିହ୍ନଟ କରାଯାଇଛି। ଉକ୍ତ ୧୫ଡେସିମିଲ୍‌ରୁ ୪ଡେସିମିଲ୍ ଉପରେ ରେଲୱେ ଠିକାଦାରଙ୍କ ଦ୍ୱାରା ମାଟି ପକାଯାଇଛି। ସୂଚନାଯୋଗ୍ୟ, କୁକଡ଼ା ରେଳଫାଟକ ଠାରେ ଓଭରବ୍ରିଜ ସମେତ ଅନ୍ୟାନ୍ୟ ରେଳପ୍ରକଳ୍ପ ନିର୍ମାଣରେ ଜମି ବିବାଦ ବାଧା ସୃଷ୍ଟି କରିଆସୁଛି। ଏହି ସମସ୍ୟା ଯୋଗୁ ଗ୍ରାମବାସୀ ଗତ ସପ୍ତାହରେ ବନ୍ଧମୁଣ୍ଡା ଥାନାରେ ରେଲୱେ ଠିକାଦାରଙ୍କ ନାମରେ ଅଭିଯୋଗ କରିଥିଲେ। ସେମାନଙ୍କ ବ୍ୟକ୍ତିଗତ ଜମି ଉପରେ ରେଲୱେ ଠିକାଦାର ନିର୍ମାଣ କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାପରେ ଗୁରୁବାର ସକାଳେ ଜମି ଚିହ୍ନଟ କରାଯାଇଥିଲା।



କୁକୁଡା ରେଳ ଫାଟକ ନିକଟରେ ଜମି ଚିହ୍ନଟ କରାଯାଉଛି।

## ପାରିପାର୍ଶ୍ୱିକ ଜଳବାୟୁ ଶୁଦ୍ଧତାକୁ ଗୁରୁତ୍ୱ

ରାଉରକେଲା,୫ା୯(ବିପ୍ଳବ ରଞ୍ଜନ ଦାଶ)

**୫ମ ଅନ୍ତର୍ଜାତୀୟ ନୀଳ ଆକାଶ ପାଇଁ ସ୍ୱଚ୍ଛବାୟୁ ଦିବସ**

ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସୌଜନ୍ୟ କ୍ରମେ ବୁଧବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ସିଭିକ୍ ସେଣ୍ଟରରେ ୫ମ ଅନ୍ତର୍ଜାତୀୟ ନୀଳ ଆକାଶ ପାଇଁ ସ୍ୱଚ୍ଛବାୟୁ ଦିବସ-୨୦୨୪ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଉରକେଲାର ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରୀ ଅନୁପ କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। ଅତିଥି ଭାବେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ଏଚ୍‌ଆର ଏବଂ ପ୍ରକଳ୍ପ ବିଭାଗ ଅତିରିକ୍ତ ଅଧିକାରୀ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ଅତିଥି ଭାବେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମାମହେଶ୍ୱର ରାଓ ଯୋଗ ଦେଇଥିଲେ। ବାୟୁର ଅନେକ କଣିକା ଅଦୃଶ୍ୟମାନ। ଏଣୁ ଅଦୃଶ୍ୟ ବାୟୁ କଣିକା ବିଷୟରେ ଜନସଚେତନତା ନିହାତି ଆବଶ୍ୟକ। ସାରା ରାଜ୍ୟରେ ଯେତେ ସବୁ ସହର ରହିଛି ତନ୍ମଧ୍ୟରୁ ରାଉରକେଲା ହେଉଛି ଏକ ଅନନ୍ୟ ସହର । ଚଳିତ ବର୍ଷ ଅନ୍ୟ ସହର ଅପେକ୍ଷା ରାଉରକେଲା ସହରର ବାୟୁ ପ୍ରଦୂଷଣ ମାତ୍ରା ୧୨ପ୍ରତିଶତ ହ୍ରାସ ପାଇ ସହରର ବାୟୁ କଣିକାରେ ବେଶ ଶୁଦ୍ଧତା ଆସିଛି। ଏଣୁ ଏହି ଧାରାକୁ ବଜାୟ ରଖିବା ପାଇଁ ସମସ୍ତେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ ବୋଲି ମଲ୍ଲିକ ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ। ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଆମେ ସମସ୍ତେ ଏକ ମହାମାରୀରୁ କିଛି ଦିନ ତଳେ ନିସ୍ତାର ପାଇଛୁ। ଏହି ସମୟରେ ମଧ ବାୟୁ ପ୍ରମୁଖ କାରଣ ସାଜିଥିଲା। ଏଣୁ ଆମ ପାରିପାର୍ଶ୍ୱିକ ଜଳବାୟୁ ଶୁଦ୍ଧତା ବଜାୟ ରଖିବା ପାଇଁ ହେଲେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଜନିତ ମୁଖ୍ୟ କାରକମାନଙ୍କୁ ପ୍ରତିହତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଅତିଥି ଆଲୋକ ବର୍ମା, ତରୁଣ ମିଶ୍ର, ଏନଆଇଟି ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓ ପ୍ରମୁଖ ବକ୍ତବ୍ୟ ଦେଇ ବାୟୁ ପ୍ରଦୂଷଣ ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାକୁ ନେଇ ସାମୂହିକ ଶପଥ ପାଠ କରାଯାଇଥିଲା। ପରେ ବାୟୁ ପ୍ରଦୂଷଣ ସମ୍ପର୍କିତ ବୈଷୟିକ ସମୀକ୍ଷା-୧ ଓ ସମୀକ୍ଷା-୨ ଆୟୋଜିତ ହୋଇଥିଲା। ଏଥିସହ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ବାୟୁ ପ୍ରଦୂଷଣ ଉପରେ ସଚେତନତା କାର୍ଯ୍ୟକ୍ରମ ପରବେଷଣ ହେବା ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ୧୨୩୭ ଛାତ୍ରୀଛାତ୍ରଙ୍କୁ ବିଦ୍ୟାର୍ଥୀ ମେଧାବୃତ୍ତି

ସମ୍ବଲପୁର,୫।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗୁରୁବାର ରିଭର ଇନ୍ ହୋଟେଲ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଗୁରୁ ଦିବସ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ଦୁଷ୍ମନ୍ତ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ଜିଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଏବଂ ଡ.ମୂରଲୀଧର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କଠିନ ପରିଶ୍ରମ ଦ୍ୱାରା ଲକ୍ଷ୍ୟ ପୂରଣ ନିଶ୍ଚିତ ବୋଲି ଜିଲାପାଳ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ। ଆରକ୍ଷୀ ଅଧିକ୍ଷକ ସଭ୍ୟତା ଗଠନରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଲେଡି ଲୁଇସ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲାପ। ଗୁରୁ ଦିବସ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ଅବସରପ୍ରାପ୍ତ ଉଦିତ କୁମାର ପାଙ୍ଗଯୋଷୀ, ଜଗବନ୍ଧୁ ବେହେରା, କୁଳଧର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ପ୍ରମୋଦ କୁମାର ପଟେଲ, ଦୁର୍ଗାପ୍ରସାଦ ସାହୁ, ଫକୀର ପ୍ରଧାନ, ମହିପାଲ ସ୍ୱାଇଁ, ହରିନାରାୟଣ ପଣ୍ଡା, ଶୈଳବାଳା ନାୟକ, କୁଞ୍ଜଲତା ପ୍ରଧାନ, ସୌଦାମିନୀ ପଟେଲ, କୁଳମଣି ପଟେଲ, ନରୋତ୍ତମ ପୁରୋହିତ ଏବଂ ଗୋଦାବରୀ ବେହେରା ପ୍ରମୁଖ ୧୫ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଗତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଚାରୋଟି ବିଭାଗରେ ମୋଟ ୧୨୩୭ଜଣ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ମାଧ୍ୟମିକ ପରିଷଦ ଦ୍ୱାରା ମନୋନୀତ କରାଯାଇଥିଲା। ସମ୍ବଲପୁର ଜିଲାସ୍ତରୀୟ ବିଦ୍ୟାର୍ଥୀ ମେଧାବୃତ୍ତି ପାଇଁ ୭୬ଜଣ, ବ୍ଲକସ୍ତରୀୟ ବିଦ୍ୟାର୍ଥୀ ମେଧାବୃତ୍ତି ପାଇଁ ୯୪୨ଜଣ, ଓଡ଼ିଆ ଭାଷା ବୃତ୍ତି ପାଇଁ ୨୧୦ଜଣ, ମେରିଟ କମ୍ ସ୍କଲାରଶିପ ପାଇଁ ୯ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପାର୍ଥସାରଥୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ।

**ଜିଲାସ୍ତରୀୟ ଗୁରୁଦିବସ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**

**■ସମ୍ବର୍ଦ୍ଧିତ ହେଲେ ୧୫ ଶିକ୍ଷୟିତ୍ରୀଶିକ୍ଷକ**

## ପଧାନପାଲି ନୋଡାଲ ହାଇସ୍କୁଲରେ ଗୁରୁ ପୂଜନ କାର୍ଯ୍ୟକ୍ରମ

ପଡିଆବାହାଲ,୫।୯(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ୟୁଯୁମୁରା ବ୍ଲକ ପଧାନପାଲି ନୋଡାଲ ହାଇସ୍କୁଲରେ ଗୁରୁ ପୂଜନ ଦିବସ ପାଳିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କମିଶନର ଜଗଦୀଶ ପାଣ୍ଡେ ମୁଖ୍ୟ ଅତିଥି, ଏଲଏନ କଲେଜ ଝାରସୁଗୁଡା ଅବସରପ୍ରାପ୍ତ ଅଧକ୍ଷ ଓଡ଼ିଆ ଅଧ୍ୟାପକ ଡ଼ ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ କମିଶନର ପଠାଣି କୁମାର ପଣ୍ଡା, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ସଞ୍ଜୟ କୁମାର ନାୟକ, ପୂର୍ବତନ ଶିକ୍ଷକ ଅଶିନୀ କୁମାର ମିଶ୍ର, ଶିକ୍ଷା କମିଟି ସଭାପତି ସରୋଜ କୁମାର ମେହେର, ରାଧାମୋହନ ଷଡ଼ଙ୍ଗୀ, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗୁରୁଙ୍କ ମହିମା ଓ ଶିଷ୍ୟଙ୍କ ଦାୟିତ୍ୱ ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଗୁରୁଙ୍କଠାରେ ଶ୍ରଦ୍ଧା ଭକ୍ତି, ସମ୍ମାନ ସହିତ ସାଧନା ବଳରେ ସିଦ୍ଧି ଲାଭ ହୁଏ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୩ଜଣ ଓ ନବମ ଶ୍ରେଣୀର ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପଧାନପାଲି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେରିହା ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରଭିଶା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୫।୯(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ଉପଲକ୍ଷେ ଗୁରୁ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର ସମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାନେତ୍ରୀ ଜୋସ୍ନାମୟୀ ଦାଶ ସଭା ପରିଚାଳନା ଥିଲେ। ଶିକ୍ଷାବିତ୍ ଦିଲୀପ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ବରିଷ୍ଠ ବିଜେଡି ନେତା ତଥା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ ଉପରେ ଶିକ୍ଷକମାନଙ୍କ ଭୂମିକା ଓ ଦାୟିତ୍ୱ ବିଷୟରେ ଅତିଥିଭାନେ ଆଲୋଚନା କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଂଯୋଜିକା ଝରଣା ହରିପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବବୃବାହନ ଭୋଇ ଯୋଗଦେଇ ଗୁରୁ ପରମପରା ବିଷୟରେ ଆଲୋକପାତ କରିଥିଲେ। ସଂପ୍ରତି ସମାଜରୁ ଗୁରୁ ପରମ୍ପରା ଦୂରେଇ ଯାଉଛି । ଆଧୁନିକତାର ଛାପରେ ଗୁରୁ- ଶିଷ୍ୟର ସମ୍ପର୍କ ମଳିନ ପଡିବାରେ ବସିଛି। ସ୍ମାର୍ଟ ଫୋନ ଅତ୍ୟଧିକ ଜରୁରୀ ହେଲେ ବ୍ୟବହାର କରିବା ଉଚିତ। ନଚେତ ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କ ଉପରେ କୁପ୍ରଭାବ ପକାଇବ । ଯଦ୍ୱାରା ସେମାନେ ଲକ୍ଷ୍ୟ ହାସଲଠାରୁ ଦୂରେଇ ଯିବେ । ତେଣୁ ଛାତ୍ରୀଛାତ୍ରମାନେ ସର୍ବଦା ଗୁରୁମାନଙ୍କ ଉପଦେଶ ଓ ତାଙ୍କ ପଦକୁ ଅନୁସରଣ କରିବାର ସମୟ ଆସଛି ବୋଲି ସାଧାରଣ ସମ୍ପାଦକ ଭୋଇ କହିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସମାଜରେ କାର୍ଯ୍ୟରତ ଥିବା ଅମର ତାଣ୍ଡିଆ, ରଞ୍ଜୁରାଣୀ ପଟ୍ଟନାୟକ, ସନ୍ତୋଷ କୁମାର ପ୍ରଧାନ ଓ ଲଳେନ୍ଦୁ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ।



ଗୁରୁ ପରମ୍ପରା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଓ ଅତିଥିମାନେ।

## ସଂକ୍ଷେପରେ

### ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷକ ଦିବସ

ସମ୍ବଲପୁର,୫।୯(ବି.ଶଙ୍କର)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ଶିକ୍ଷକ ଦିବସ ଗୁରୁବାର ସମ୍ବଲପୁର ଜିଲା ବଡସିଂଘାରୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଶିକ୍ଷକମାନଙ୍କ ଅମୂଲ୍ୟ ଅବଦାନ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାର୍ଥୀର ଭବିଷ୍ୟତ ଗଠନରେ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଥିଲେ। ପଟ୍ଟନାୟକ ଶିକ୍ଷାଦାନରେ ନବସୃଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କୁଳସଚିବ ଡ.ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅର୍ଥ ଅଧିକାରୀ ନଳିନୀ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିମନ୍ତ୍ରିତ ଅଧ୍ୟାପକମାନେ ସେମାନଙ୍କର ଜ୍ଞାନ, ଅଭିଜ୍ଞତା ଏବଂ ଧାରଣା ବାଣ୍ଟିଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ କନିଷ୍ଠ କଳାକାର ଆଶୀର୍ବାଦ

କୁଚିଣ୍ଡା,୫।୯(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲ୍ଲା ସମ୍ବଲପୁର ଜିଲା କୁଚିଣ୍ଡା ନିବାସୀ ଉଦୀୟମାନ ଯୁବ କଳାକାର ଆଶୀର୍ବାଦ ମହାନ୍ତି ଇଣ୍ଡିଆ ବୁକ ଅଫ ରେକର୍ଡସ(ଆଇବିଆର)ରେ ସ୍ଥାନ ପାଇଛନ୍ତି। ସେ ୧୭ ବର୍ଷ ବୟସରେ ଭାରତରେ କନିଷ୍ଠ ସଙ୍ଗୀତ ରଚୟିତା ଓ ଶବ୍ଦ କଳ୍ପନାକାର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥି ସହ ସେ ତିନୋଟି ଭାଷାରେ ୫ଟି ଗୀତ ରଚନା କରି କଣ୍ଠଦାନ କରିଛନ୍ତି। ଏହା ପୂର୍ବରୁ ୨୦୨୩-୨୪ ଲୋକକଳା ଉତ୍ସବରେ ଲୋକଗୀତ ପରିବେଷଣ କରି ସର୍ବଭାରତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ପରୀକ୍ଷା ପେ ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତକରି ବାର୍ତ୍ତାଳାପ କରିବାର ସୁଯୋଗ ମଧ ପାଇଛନ୍ତି। ଇଣ୍ଡିଆ ବୁକ୍ସ ଅଫ ରେକର୍ଡସରେ ନାମ ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ କୁଚିଣ୍ଡାର ପୂର୍ଣ୍ଣେନ୍ଦୁ ମହାନ୍ତି ଓ ଅଧାପିକା ସଞ୍ଜୁଶ୍ରୀ ସାହୁଙ୍କର ଏକମାତ୍ର ପୁତ୍ର ଅଟନ୍ତି।



କନିଷ୍ଠ କଳାକାର ଆଶୀର୍ବାଦ ମହାନ୍ତି।

## ଛାତ୍ର ଓ ଜାତିର ସୃଷ୍ଟିକର୍ତ୍ତା ହେଉଛନ୍ତି ଗୁରୁ


ଇଣ୍ଡିଆନ ପବ୍ଲିକ ସ୍କୁଲରେ ଗୁରୁ ପୂଜନ ଓ ଗୁରୁ ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ସମ୍ବଲପୁର,୫।୯(ବି.ଶଙ୍କର)

**ସମ୍ବଲପୁରର ଇଣ୍ଡିଆନ ପବ୍ଲିକ ସ୍କୁଲରେ ଗୁରୁପୂଜନ କାର୍ଯ୍ୟକ୍ରମ**

ଗୁରୁ ପୂଜନ ଓ ଗୁରୁ ଦିବସ କାର୍ଯ୍ୟକ୍ରମ ସମ୍ବଲପୁର ସହର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରେକ୍ଷାଳୟରେ ଛାତ୍ରୀଛାତ୍ରମାନେ ତିଳକ ଏବଂ ଆରତୀ ପୂର୍ବକ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଅଧ୍ୟକ୍ଷ ସଚିନ ପାଠକ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୁରୁ ବନ୍ଦନା, ଗଣେଶ ବନ୍ଦନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଅଧ୍ୟକ୍ଷ ପାଠକ ଛାତ୍ର-ଶିକ୍ଷକ ସମ୍ପର୍କର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ଜଣେ ଶିକ୍ଷକ କେବଳ ଛାତ୍ରଙ୍କ ସୃଷ୍ଟିକର୍ତ୍ତା ନୁହନ୍ତି, ବରଂ ସେ ସମାଜ, ରାଜ୍ୟ ତଥା ଜାତିର ସୃଷ୍ଟିକର୍ତ୍ତା ଭାରତୀୟ ସଂସ୍କୃତିରେ ଜଣେ ଗୁରୁଙ୍କୁ ଭଗବାନଙ୍କ ପରି ବିବେଚନା କରାଯାଏ। ଏଥି ସହିତ ଗୁରୁ ଦିବସ ହେଉଛି ଗୁରୁ ଏବଂ ଶିଷ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ପର୍କକୁ ବଞ୍ଚାଇବା ଓ ଗୁରୁଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଏକ ପର୍ବ। ଆମେ କେବଳ ଗୁରୁ ଦିବସରେ ନୁହେଁ ବରଂ ଜୀବନସାରା ଆମର ଶିକ୍ଷକମାନଙ୍କୁ ସମ୍ମାନ ଦେବା ଉଚିତ । ଏହି ଅବସରରେ ବିଦ୍ୟାଳୟର ମୁଖ୍ୟ ପରିଚାଳକ ତଥା ଅଧ୍ୟକ୍ଷ କେଶବ ଡାଲମିଆ ଏବଂ ସୁମନ ଡାଲମିଆ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ମାନିତ କରି ଗୁରୁ ଦିବସର ଅଭିନନ୍ଦନ ଜଣାଇଥିଲେ ।

## ଗୁରୁ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନର ଶିଳ୍ପକାର

ସମ୍ବଲପୁର,୫।୯(ଭବାନୀ ଶଙ୍କର ଭୋଇ)

**ଗୁରୁମା ଗୁରୁଜୀଙ୍କୁ ଗୁରୁପୂଜନ କଲେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତି**

ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନରେ ଗୁରୁବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ସ୍ଥାନୀୟ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗୁରୁଜୀ ଗୁରୁମାମାନଙ୍କୁ ରୀତିନୀତି ଅନୁସାରେ ଗୁରୁପୂଜନ କରିଥଲେ। କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଗୁରୁମାନେ କେବଳ ଶିକ୍ଷାଦାତା ନୁହନ୍ତି ବରଂ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନର ଶିଳ୍ପକାର। ଗୁରୁମାନେ ଶିଶୁମାନଙ୍କ ଭବିଷ୍ୟତ ଗଠନ ପାଇଁ ମୂଳଦୁଆ ପକାଇଥାଆନ୍ତି। ଦେଶ ନିର୍ମାଣରେ ଶିକ୍ଷକମାନଙ୍କ ଅବଦାନ ଅତୁଳନୀୟ ବୋଲି ଏହି ଅବସରରେ ନାରୀଶକ୍ତୀ ପକ୍ଷରୁ ମତ ଉପସ୍ଥାପନ କରାଯାଇଥିଲା। ନାରୀଶକ୍ତି ଜିଲା ସଂଯୋଜିକା ଝୁନୁ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଙ୍କଜିନୀ ମେହେର, ସ୍ୱସ୍ତିକା ନାୟକ, ପଙ୍କଜିନି ବୈଠାରୁ, ଯାମିନୀ ଠାକୁର, କାନ୍ତି ମେହେର, ପଦ୍ମିନୀ ବୈଠାରୁ, ସୁଜାତା ଗୁରୁ, ଛବି ପତି, ସଂଘମିତ୍ରା ପଣ୍ଡା, ଶୋଭାଗିନୀ ପଟେଲ, ବବିତା ପାଢୀ ସାମିଲ ହୋଇଥିଲେ। ଶାନ୍ତନୁ ପଢି ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।


ନାରୀଶକ୍ତି ଗୁରୁପୂଜନ କାର୍ଯ୍ୟକ୍ରମରେ ଅତିଥି ଓ ଗୁରୁମା ଗୁରୁଜୀ।

## ରେଳ ଲୋକୋପାଇଲଟ୍, ଆର୍‌ପିଏଫ୍ କର୍ମଚାରୀ ପୁରସ୍କୃତ


ରେଳ ମଣ୍ଡଳ ପ୍ରବନ୍ଧକ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ପୁରସ୍କୃତ ଲୋକୋ ପାଇଲଟ୍ ଓ ଆର୍‌ପିଏଫ୍ କର୍ମଚାରୀ।

ସମ୍ବଲପୁର,୫।୯(ପ୍ରମୋଦ ବହିଦାର)

**ଟ୍ରେନରୁ ଖସି ପଡିଥିବା ଶିଶୁକୁ ଉଦ୍ଧାର କରିଥିଲେ**

ସମ୍ବଲପୁର ଜିଲା ରେଢ଼ାଖୋଲ ରେଳ ଷ୍ଟେଶନ ନିକଟରେ ମଙ୍ଗଳବାର ରାତିରେ ଚଳନ୍ତା ଦୁର୍ଗ-ପୁରୀ ଟ୍ରେନ୍‌ରୁ ଖସି ପଡ଼ିଥିବା ଶିଶୁଙ୍କୁ ଉଦ୍ଧାର କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ରେଳବାଇ ଲୋକ ପାଇଲଟ ଓ ରେଳବାଇ ସୁରକ୍ଷା ବଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହାକୁ ନେଇ ଗୁରୁବାର ମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ସେମାନଙ୍କୁ ପ୍ରମାଣପତ୍ର ସହିତ ନଗଦ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଛନ୍ତି। ପୁରସ୍କୃତମାନେ ହେଲେ ଲୋକ ପାଇଲଟ ବିଭୂତି ଭୂଷଣ ଦେହୁରୀ, ବୋୟନ କୁମାର ବେହେରା ଓ ହୃଦାନନ୍ଦ ପ୍ରଧାନ, ରେଳ ସୁରକ୍ଷା ବଳ ସବଇନ୍ସପେକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ, କନଷ୍ଟେବଳ ବିକ୍ରମ ବାଗ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୩ତାରିଖ ବିଳମ୍ବିତ ରାତ୍ରିରେ ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ରେଢ଼ାଖୋଲ ଷ୍ଟେଶନ ନିକଟରେ ଏକ ଶିଶୁ ଖସି ପଡ଼ିଥିଲା। ଏହି ସମୟରେ ଏହି ଟ୍ରାକ୍‌ରେ ଯାଉଥିବା ଏକ ମାଲବାହୀ ଟ୍ରେନ୍‌ର ଉକ୍ତ ଲୋକ ପାଇଲଟମାନେ ଶିଶୁକୁ ଦେଖି ରେଢ଼ାଖୋଲ ଷ୍ଟେଶନକୁ ଖବର ଦେଇଥିଲେ। ତାଙ୍କ ସୂଚନା ଅନୁସାରେ ରେଳ ସୁରକ୍ଷା ବଳ ରେଢ଼ାଖୋଲର କର୍ମଚାରୀମାନେ ତୁରନ୍ତ ସେଠାରେ ପହଞ୍ଚି ଶିଶୁକୁ ଉଦ୍ଧାର କରିଥିଲେ। ପରେ ଉକ୍ତ ଶିଶୁଙ୍କୁ ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର,୫।୯(ଭବାନୀ ଶଙ୍କର ଭୋଇ)

ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ପୋଷାକ ବିତରଣ କାର୍ଯ୍ୟକ୍ରମରେ ହେଉଥିବା ଅସୁବିଧା ବିଷୟରେ ଗୁରୁବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସରକାର ନିର୍ଦ୍ଦେଶ ଅନୁଯାୟୀ ପୋଷାକ ବିତରଣ ପାଇଁ ନିଜେ ପୋଷାକ ତିଆରି କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟାଳୟରେ ପୋଷାକ ଯୋଗାଇ ପାରିବେ। କିନ୍ତୁ ସମ୍ବଲପୁର ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ନିଜେ ପୋଷାକ ତିଆରି କରୁଥିବା ମାନଦଣ୍ଡ ପୂରଣ କରୁନାହାନ୍ତି। ଯାହା ଦ୍ୱରା ପୋଷାକ ବିତରଣ ନେଇ ବିଦ୍ୟାଳୟଗୁଡିକରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟକୁ ଏଯାବତ ପୋଷାକ ବିତରଣ ନିମନ୍ତେ କୌଣସି ଗାଇଡ ଲାଇନ ଦିଆଯାଇ ନ ଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ପୋଷାକ ବାବଦକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନାମରେ ଟଙ୍କା ଆସୁଥିବା ବେଳେ ସେମାନେ ନିଜେ ପୋଷାକ କିଣି ନ ପାରି ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ନିର୍ଭର କରୁଛନ୍ତି। ତେଣୁ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସମ୍ବଲପୁର ପକ୍ଷରୁ ଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ସନ୍ଥକବିଙ୍କୁ ନେଇ ରେଢ଼ାଖୋଲ ମାଟି ଗର୍ବିତ

ରୋଖୋଲ,୫।୯(ଅଚ୍ୟୁତାନନ୍ଦ ପୁରୋହିତ)

ସନ୍ଥକବି ଭୀମ ଭୋଇ ଏକାଡେମୀର ପ୍ରଥମ ପ୍ରତିଷ୍ଠା ଉତ୍ସବ ସମ୍ବଲପୁର ଜିଲା ରେଢାଖୋଲ ପଞ୍ଚଖଣ୍ଡା ଇନଡୋର ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏକାଡେମୀ ଅଧ୍ୟକ୍ଷ ମୁରଲୀଧର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟନ କରି ଗୁରୁ ମହିମା ସ୍ୱାମୀ ଓ ଶିଷ୍ୟ ଭୀମ ଭୋଇଙ୍କ ପ୍ରସଙ୍ଗ ଆଲୋଚନା କରିଥିଲେ। ରେଢାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସନ୍ଥକବିଙ୍କୁ ନେଇ ରୋଖୋଲ ମାଟି ଗର୍ବିତ, ସେ ଆମ ପରିଚୟ ବୋଲି କହିଥିଲେ। ତେଣୁ ଏଠାରେ ସନ୍ଥକବିଙ୍କ ବିରାଟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ବୋଲି ମତପ୍ରକାଶ କରିଥିଲେ। ଆୟକର ବିଭାଗର ଅବସରପ୍ରାପ୍ତ ଅଧିକାରୀ ରାଧାକାନ୍ତ ସେଠ ମୁଖ୍ୟବକ୍ତାଭାବେ ଯୋଗଦେଇ ସନ୍ଥକବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। କବି କନ୍ଦର୍ପ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବୀର ସିଂଦେଓ ଧନ୍ୟବାଦ ଦେଇଥିଲେ। ରଞ୍ଜିତ ଦେହୁରୀ ସଭା ସଂଯୋଜନା କରିଥିଲେ। ଏଥିରେ ହିମାଂଶୁ ଶେଖର ପ୍ରଧାନ, ଆଦିକନ୍ଦ ପ୍ରଧାନ, ପୂର୍ବ ସରପଞ୍ଚ ସନ୍ତୋଷ ମିର୍ଦ୍ଧା, ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ସାହୁ, ପୂର୍ବ କାଉନସିଲର ଲକ୍ଷ୍ମଣ ପ୍ରଧାନ, ରୋହିଣୀ ନାୟକ, ବାସୁଦେବ ପୃଷେଠ, ଲିପକ ଖିଲାରୀ, ଅଜୟ ଭିତିରିଆ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭୀମ ଭୋଇ ଏକାଡେମୀର ପ୍ରତିଷ୍ଠା ଦିବସ**

